ପାଲା ଦ୍ରୌପଦୀ ବା

ଦ୍ରୌପଦୀ ରତ୍ନମାଳା ।

ଦ୍ୱିତୀୟ ଭାଗ ।

ଶିବ ଜଣାଣ ।

ଛଳ ଶ୍ଳେଷ ।

ଆହେ ପାର୍ବତୀ ରମଣ । ଜଣାନ୍ତି ମୋ ଦୁଃଖ ନାହିଁ ତୁମ୍ଭ ପାଖ ବଞ୍ଚ ଉଦ୍ଧାରକ ବୋଲି ଏକ ଜଣ । ପଦ । ଦକ୍ଷକରେ ଅଛ ତ୍ରିଶୂଳକୁ ବହି । ଶୂଳଯଗ୍ର କୁଳ ବୁଡ଼ାଇ ଦଅଇ । ଖଡ଼ଗ ଗୋଟିଏ ବହିଅଛ ସ୍ନେହେ, ସେ ନାଶ କରୁଛୁ ଶତ ଶତପ୍ରାଣ । ୧ । ନାଗ-ସର୍ପ ଘେନିଅଛ ବାମହସ୍ତେ, ଆଗ ତା ପାଶକୁ ଯିବି ମୁଁ କେମନ୍ତେ, ଦେଖିଲେତ ଡ଼ର, ଛୁଇଁଲେତ ମର, ଘଡ଼ିକରେ ସାରଦଏ ନିଜ ପ୍ରାଣ । ୨ । ଫାଶବୋଲି ଯାକୁ କରିଛ ଆଦର, ବାନ୍ଧେ ପର ଲୋକ ହଜାର ହଜାର । । ବାଦ୍ୟ ଯା ବାଜଇ, କରେ ନାହିଁ ନାହିଁ, ମୋ ପାଶରେ କେହି ନ କର ଜଣାଣ । ୩ । ଗଙ୍ଗା ଶିବା ଦୁଇ ଜଣଙ୍କୁ ଜଣାନ୍ତି, ସପତ୍ନୀ ବାଦତ ସେ ଛାଡ଼ି ନାହାନ୍ତି । ଜଣକୁ ମସ୍ତକେ, ଜଣକୁତ ବକ୍ଷେ, ରଖିଅଛ ତୁମ୍ଭେ କର ବଡ଼ ମାନ । ୪ । ବୃଷଭକୁ ଦୁଃଖ କହନ୍ତି ବା ଯାଇ, ନାରି ବାହାନକୁ ଡରିଅଛୁ ସେହି । ଛୁଇଁଲେ ନଶିବ, କହନ୍ତି ଶଶୀକି, ଉପ୍ତେ ଲଭି ଟେସ ପଶିଅଛୁ

Digitized by srujan ka@gmail.com

ଶରଣ । ୫ । ନନ୍ଦୀ ଭୃଙ୍ଗୀକି କହନ୍ତ ବା ଯାଇ । ତାଙ୍କର ଭାବତ ସମାନ ନୁହଇ, ଅନନ୍ଦତ ଏକ, ବହୁତ ଅନେକ, ରୂପ ଦେଖୁ ୨ ଛାଡ଼ିଯିବ ପ୍ରାଣ । ୬ । ତୁମ୍ଭ ଆଗେ ଜଣା ହୋଇବା ଜଣାନ୍ତୁ, ଏକମୁଖ ବହ୍ମ ନାହିଁ ପଶୁପତି, ପାଞ୍ଚଟି ବଦନ, ଦଶ ଗୋଟି କର୍ଣ୍ଣ । କେଉଁ କର୍ଣ୍ଣେ ଦୁଃଖ କରିବ ଶ୍ରବଣ । ୭ । କାହିଁ ଜଣାଇବ ନ ପାଉଛୁ ସ୍ଥାନ । ବଳେ ୨ କୃପା କର ତ୍ରିଲୋଚନ, ତୁମ୍ଭ ବିନୁ ମୋର ନାହିଁ କେ ଠାକୁର । ଧ୍ୟାୟେ କବିରତ୍ନ ଭିକାରୀଚରଣ । ୮ ।

କ୍ୟ ମତ୍ରା ।

ରାଧା ଦୂତୀ ପ୍ରତି ।

କ ଅଛୁ ଶ୍ରୀକୃଷ୍ଣ ଆସିବ ଗୋ । ଖିଅ ନେବ । ଗିଅଣ ମଥୁରାରେ କହ୍ନୁ ଘିଅ ସମ ପ୍ରୀତି ଦେବ । ପଦ । ଙିଅ ତାକୁ ହେଲ ମୁହିଁ । ଚିଅ କରାଇଲା ସେହ୍ନ । ଛୁଅ ଅଛି କରିବାର ଏଭାବ । ଜିଅ ଆକାର ଘର କେ ଭୂମେ ଗଢିବ । ଝିଅପଣେ ଜଣାଯାଏ ଆଜଠାରୁ ସରି-ଯିବ । ୧ । ଞିଅକୁ ସେ ପେଲି ଦେଲା । ଟିଅ ଟିଅ କରାଇଲା । ଠିଆ ଆକେ ପାଖେ ତାର ହେବ । ଡ ଅରଣ୍ୟେ ଖ୍ରିବାପରି ମୋ ଦୁଃଖ ଭାବ । ଢ଼ି ଅରବିନ୍ଦ ମୁଖରେ ଭଟିଛିଲେ ଯାତ୍ରା ଜବ । ୨ । ଣିଅ ବାସୀ ସେ ସହଜେ । ତିଅକଠ କଲା ବ୍ୟାଜେ । ଥି ଅବା ଥିଲେ କରନ୍ତ୍ର ଭାବ । ଦଅର ବଚ କଥାରେ କରେ ଗରବ । ଧି ଅଧୂନା ନାଶ କଲେ ଧିକ ଧିକ ସେ ମାଧବ । ୩ । ନି ଅନଙ୍ଗେ ଦୁଃଖୀ ହେଲି । ପିଅର ଭ୍ରାତ ଛାଡ଼ିଲି । ଫି ଅରକ୍ଷିତ କଲା ଦାଇବ । ବି ଅନନ୍ତ ଗତିପର ଭ୍ରମେ ମୋ ଜୀବ । ଭି ଅଛି ବଳାଇ

Digitized by srujan ka@gmail.com

ଆସି କେ ଅଛୁ ରଖା କରିବ ॥ ମିଅଁ ମିଅଁ ହୋଇଲାଣି । ର ଅନନ୍ତ ଭାଙ୍ଗିଲା ଗରବ । ଳ ଅନନ୍ତାରେ ମୁଁ ଥିଲି ଲଭି ବିଭବ । ବଅ ଆବଳାଙ୍କ ଅଛ ଅଜ୍ଞ କ୍ଷ ପ୍ରାଣ ରହିବ । ୫ । ଶିଁଅ ଆଦ ଶୋଳ ନେଲା । ସି ଅଙ୍କକୁ ଦେଖାଇଲା । ଶିଅମର ଏତର ଗରବ । ହୁ ଅନ୍ତ୍ରେ ହୁଡା ମିଳିଣ ଦେଖିଲା ସବ । କ୍ଷିଅରେ ଭିକାରୀ ଦାସ ବାକ୍ୟ ଉଚ୍ଛାଟିଲା ଜବ । ୬ ।

ରାଧା ଉକ୍ତି ।

ଛ—ମାଳା ।

କର ଖର ଗଛ ସଙ୍ଗୀ । ଗର ଘରଛ ହୁଅଇ । ଙର ଆଉ ସୀମାନାହିଁ । ରସିକ ରତନ କାହିଁ । ପଦ । ଚର ଛୁର କାଟେ କାମ । ଜର ଝର ନେତ୍ରୁ ବନ । ଞର ନାଦ ଶୁଭୁ ନାହିଁ । କଣ୍ଠରେ ବନ୍ଧିତ ହୋଇ । ୧ । ଟର ଠର କରେ ଧ୍ୟାନ । ଡର ଢର ଯେ ସମାନ । ଣର ନିଷ୍ଠୁର ବିନାଶ ତର ଥରଇ ମୋ ଦେହ । ୨ । ଦର ଧର ପ୍ରାଣସଖୀ । ନର ମଧ୍ୟରେ ମୁଁ ଦୁଃଖୀ । ପର ଫର ମାଂସ ବୋଲି ବର ଭର କର ନାହିଁ । ୩ । ମର ଯରରେ ଅବଶ୍ୟ । ରର ଲର ଭୂତ ବିଷ । ବର ଶର ଦୁଣି ସ୍ୱର ଲକ୍ଷ କରଣ ବାନ୍ଧଇ । ୪ । ସର ସର ପ୍ରୀତି ରସେ ହର କ୍ଷର ପୁଣି ବର୍ଷେ । ର ଫଳା ମିଳ ଯମକେ ଭିକାରୀ ଦାସ କହଇ । ୫ ।

Digitized by srujan ka@gmail.com

ଦୂତୀ ରାଧା ପ୍ରତି ।

ଘ—ମାଳବ ।

କଲନା ନାହୁଁ କି କରି । ଖଲ ଲୋକ ବୋଲି ହରି । ଗଲ
କଣ୍ଠୀ ତା ବଚନ । ଘଲ ଯାଏ ପାଣି ପରି । ପଦ । ଙଲ ସେ
ଜାଣିଇ ନାହିଂ । ଚଲ ମୁଁ କହିଲେ ଫେରି । ଛଲ କରି କହିପାରେ
ଜଲ ନୟନରେ ଭରି ।୧। ଝର ତୋର ସାଙ୍ଗେ ଲାଣି । ଞଲ ସେ ମୁରଲୀ-
ପାଣି । ଟଲନା ଭୂମିରେ ସାରି । ଠଲ ଆଦେ ଡଡେ। ଶିରି । ୨ ।
ଡଲ ରସ ବର୍ଣ୍ଣି ଯଥା । ଢଲଇ ତେ। ଦେହେ ତଥା । ଣଲ ତୁ
ହୋଇଲୁ ବୃଥା ତଲକୁ ଲପନ କରି । ୩ । ଥଲ କୂଳ ନାହିଁ
ତାର । ଦଲ ବ୍ରଜ ନାରୀବର । ଧଲ ଅତି କଲା ତୋତେ ନଲଦେ
ହେଲୁ ବଇରି । ୪ । ପଲ ସବୁ ହଡ଼ାଇଲୁ । ଫଲ କିଛି ନ
ପାଇଲୁ । ବଲ ବୟସ ସାଙ୍ଗେଲୁ । ଭଲକି ଗଲୁ କିଶୋରି । ୫ ।
ମଲଦ୍ୱା ମୀଳ ସରସ । ଜଲ ଜଲ ମଞ୍ଜୁ ବଷ । ରଲରେ ହୋଇବୁ
ନାଶ । ଲଲଥା ନ ଭଡ଼ି ଧରି । ୬ । ବଲୟ ହସ୍ତର ତୋର ।
ଶଲଥ ହେବ ନକର । ସଲଖି ନରଖୁ ମୁଖ ସଲପ ଆହାରି ପରି ॥
ହଲଧର ଭ୍ରାତ ଆସ । କ୍ଷଲ [illegible] କର ନାଶିଣ । କହଇ ଭକ୍ତାରି
ଦାସ ଲ ଫଲାରେ ଏ ମାଧୁରି । ୮ ।

କୃଷ୍ଣ ଦୂତୀ ପ୍ରତି ।

ଦୁଇକି—ପଣକଅ ।

ଦୁଇ କେ ଦୁଇ ଲ[illegible] ମୋର ସେ । ଗ୍ରାମାବର । ଦୁଦୁଗୁଣେ
ସ୍ଥିର ପଡ ବଦନ ତା କି ସୁନ୍ଦର । ପଦ । ଦୁଇ ବିକି ଛଅ ପର ।
ଟା ବନା ନ୍ଦରେ ପ୍ରହାର । ଦୁଇରେ ଆଠ ତେଣୁ ମୋର କି
ନାଉଖାର । ୧ । ଦୁଇଅଣ୍ଠା ଦଶ ଯାକ । ଦଶଇ ଯଥା କୁହୁକ ।

Digitized by srujan ka@gmail.com

ଦୁଇସୋକୁ ବାର ନୟନୀ ଅଣସତ୍ତ୍ୱର । ୨ । ଦୁଇସଙ୍ଗ ଚୌନ୍ଦ ଭୁବନେ । ନାହିଁ କେ ତାର ସମାନେ । ଦୁଇଅଷ୍ଟା ଷୋଳ ବୟସୀ ମୋ ଗଲା ହାର । ୩ । ଦୁଇନୁଅଁ ଅଠର କର । ଥିଲ ମୋତେ ସେ ଚତୁରସ୍ତ । ଦୁଇଦଶା କୋଡ଼ିଏ ସନ ବସ୍ତ୍ର ବାହାର । ୪ । ଯୋଗ ନକ୍ଷତ୍ର ମିଳାଇ । ଅର୍ଥରେ ହୋଇଛି ଗୀତ । କହଇ ଭକାସି ଦାସ ବୁଝ ସୁନର । ୫ ।

ଦୂତୀ କୃଷ୍ଣ ପ୍ରତି ।

ଛନ୍ଦ—ଖଣ୍ଡା ।

ତିନ କେ ତିନ ସେ ତେଜିଛି । ଦୁଃଖେ ବସିଛି । ତିନ ଦୁଗୁଣେ ଛଅରେ ତାଠି ମନ ନାହିଁ କହୁଛି । ପଦ । ତିନ ତିକ୍କ ନଅ ପର । ତୁମ୍ଭ ନାମେ ସେ ଚତୁରସ୍ତ । ତିନଚୌକୁ ବାର ବାର ଶିବ ଜପୁଛି । ୧ । ତିନପଞ୍ଚା ପନ୍ଦର ଶିରେ । ହୁଏ ପଡ଼ିବା ପ୍ରକାରେ । ତିନସୋକୁ ଅଠର ହୋଇ ଝୀନା ହେଉଛି । ୨ । ତିନସତା ଏକୋଇଶି । ମୁଖରୁ ପଦେ ନ ଭାଷି । ତିନଅଷ୍ଟା ଚବିଶ ଏ ମୂର୍ଚ୍ଛା କହୁଛି । ୩ । ତିନନୁଅ ସତେଇଶି । ପତିଭ୍ରାନ୍ତ ହେଲେ ଦୋଷୀ । ତିନଦଶା ତିରିଶରେ ଆଶା କି ଅଛି । ୪ । ରାଶି ନକ୍ଷତ୍ର ଯେ ଯୋଗ । ଏଥି ହୋଇଛି ସଂଯୋଗ । ଭକାସିଚରଣ ଦାସ ପଦ ଯୋଡ଼ିଛି । ୫ ।

Digitized by srujan ka@gmail.com

ଚତୁର୍ବିଧି ।

ଧୀରେ ଶୁଣ ଦତ୍ତ ଚୁତ୍ର ଏ ଗୀତ । ଗୁରୁ ଯୁଗ ଗୁରୁସଜ୍ଞା ଗୁରୁ ସଣୀ ଗୁରୁପୁସଣ ଚରିତ । ପଦ । ସଜ୍ଞା କୁଳେ ହଗ ବଳେ ଦେହ ଧରି ମା ଗ ହରଣକୁ ଶତ୍ରୁ । ଉପୀ ଜନ୍ଧରିଲେ ଯେତେ ଜନ୍ମିଥିଲେ ଶେଷ ବଟରେ ଶ୍ରଦ୍ଧାବନ୍ତ । ୧ । ମୃଗାରି ଭଞ୍ଜନ କଲେଣି ଦହନ ବଳୀ ନାଶ ନରେରତ । ଖେଳେ ମାତଛନ୍ତ୍ର ମନୋହର ମୂର୍ତ୍ତି ଭୁବନ ଆଜ୍ଞାରେ ଯୁକ୍ତ । ୨ । ଦାରୁଣ ଉରଇ କର୍ଣ୍ଣରେ ଶୁଣଇ ସୌଖ ଖୋଜନ୍ତ ସନ୍ତତ । ଖଗ ରଖିଲେଣି ସ୍ୱସ୍ଥାନରେ ଆଣି ଭାବରେ ହେଲେଣି ମିତ । ୩ । ସୁରମାନେ ଯଶ କରନ୍ତ ପ୍ରକାଶ କଳାଧାର ସେ ଅଚ୍ୟୁତ । ମନସାର ବାସୀ ରସେ ଯାଏ ରସି ଭକ୍ତାସିଚରଣ ଶତ୍ରୁ । ୪ ।

ସଜ୍ଞ	ସୀତା	ଉପୀ
ଅଜ	ସୀତା	କପୀ
ବ୍ରଜ	ଶନ୍ତା	ଗୋପୀ
ଦ୍ୱିଜ	ରେତା	ପାପୀ

ଶେଷବରେ	ମୃଗାରି	ବଳୀ	ଖେଳେ
କ୍ଷୀଣବରେ	ଖଗାରି	ବାଳୀ	ଝୁଲେ
ବାସବରେ	ମଗାରି	କାଳୀ	ଢୋଲେ
କେଶବରେ	ଯଗାରି	କଳୀ	ଖୋଲେ

ଭୁବନ	ଦାରୁଣ	ସୌଖ	ଖଗ
ଜୀବନ	ବରୁଣ	ରକ୍ଷ	ଯାଗ
ପବନ	ଅରୁଣ	ପକ୍ଷ	ନାଗ
କବନ	ତରୁଣ	ମୋକ୍ଷ	ସଗ

ଭାବରେ	ସୁର	କାଳ	ମନସାର
ଶବରେ	କ୍ଷୀର	ଥାଳ	ବନସାର
ନାବରେ	କ୍ଷାର	ମାଳ	ଦାନସାର
ଜୀବରେ	ଧୀର	ଡାଳ	ଜନସାର

Digitized by srujan ka@gmail.com

ସମସ୍ତ ପାଠ ପଢ଼ା ।

ସ୍ମରଣ ନ କଲେ ଏ ନାସ୍ରୀ ଗୋ । ଧିକ ଶିଗ୍ରୀ । ବ୍ୟଞ୍ଜନ ଅନ୍ନ ଅମୃତ ଥିଲେ ହେବ ହୁରକର । ପଦ । କି ଅଛୁ ଆଉ ସଂସାରେ । କର ଥିଲେ ରା ଦେହରେ । କଲ ଗୃଳବ କି ସମ୍ଭର । କବ୍ରୁ-ଲ୍ୟୃତ ଅଛୁ ଏ ଭୁବନେ କାହାର । କମଳ ଆନନେ ସୁର୍ଣ୍ଣ ହୋଇଛୁ ହାସଲହଗ୍ରୀ । ୧ । କନକ କୁସୁମ ଏହୁ । ଦ୍ୱିରେଫ ମନ ରସଇ । ଅଙ୍କରେ ବସାଇଲେ ଏ ଗୋସ୍ରୀ । ଅସକତ ମନରୁ ଦଅନ୍ତି ନବାର । ଅସ୍ତ ହେଲେ ରତ୍ନ ବକ୍ଷେ ରଖି ନଅନ୍ତି ଶବଂସ୍ରୀ ॥ ୨ । ଦନାଇ କେଶ ସୁମଣ୍ଡି । ପଣଙ୍କଆକୁ ଖଞ୍ଜନ୍ତି । ସୋଧି ପକାଇ ଜତ୍ତମ କର୍ । କଡ଼ା ଗଣ୍ଡା ପାହ୍ୱି ଅଣ । ଦଅନ୍ତି ସାର୍ । ମିଶାଇ ମନ ହରଣ କରନ୍ତି ଗୁଣ ବଗୁର । ୩ । ବନ୍ଧୁ ସଙ୍ଗିରେ ଏ ସାର୍ । ସଂସୃ ସଙ୍ଗି କାରବାର । ଲଘୁକରଣ ତ ଯାତ୍ରା ସର । ଭଗ୍ନାଂଶ ଅଳଙ୍କାରକୁ ଖଞ୍ଜନ୍ତି ଧର । କିଯ୍ରୁ ବିକୟୁ କରନ୍ତି । ମନ ଧନ ଏକ କର । ୪ । ନଳଦ କୁଣ୍ଠା ଭଅଣ । ନ କରନ୍ତେ ସଖୀଗଣ । ମେଲ୍ଲଙ୍କ ଦେଖାଇଲେ ଏ ଗୋସ୍ରୀ । କୌଣସି ଠାବରେ ମୁହିଁ ନ ଯାନ୍ତି ହାର । ସବୁ ପାଠ ପଢ଼ା ହେଲା କହିଲ ଦାସ ଭିକାସ୍ରୀ । ୫ ।

ଅନ୍ତର୍ଲିପି ।

ସ୍ୱଧା ପ୍ରତି କୃଷ୍ଣ ।

ହସି ଭାଷେ ରସିକାବର ଗୋ । ସ୍ୱମାହର । କାମାନଳରେ ଜଳୁଛୁ ସୀମା ନାହିଁ ଭିଠିବାର । ପଦ । ସ୍ୱଜ ନବରଙ୍ଗୁ କିସ କାହନ୍ତି

Digitized by srujan ka@gmail.com

ସର୍ବ ମନୁଷ୍ୟ୧ । ସମ୍ମାନ ଦାଏ କେ୨ ମାନବର । ଚତୁର୍ଥ ପାଣ୍ଡବ କେହ୍ନୁ୩ ଅଟେ ନକର । ହନୁମାନଙ୍କୁ ଧରିଲା କେବଣ ନାରୀ ଗର୍ଭର୪ । ୧ । ଗୋପ ନଗରୁ ଭୁଲଚତେ । କୃଷ୍ଣଙ୍କୁ କେ ନେଲା ରଥେ୫ । ପୁଷ୍କରିଣୀ ଜଳରେ କେ ସୁନ୍ଦର୬ । କି ଠିକା ରଖିଲେ ନର ପାଏ ଆଦର୭ । ନିଦ୍ରା ଅଭିଭୂତ ହୋଇ ଶଯ୍ୟନେ କି ଦେଖେ ନର୮ । ୨ । ରାଜା ପାଳନ୍ତି ଯେ ଦେଶ । କି ନାମ ତାର ପ୍ରକାଶ୯ । ପାର୍ବତୀଙ୍କର କେ ପ୍ରାଣେଶ୍ୱର୧୦ । ପ୍ରସ୍ଫୁଟିତ କୁସୁମରେ କା'ର ବିହାର୧୧ । ବନରେ ମିତ୍ର ହୋଇଲା କେହ୍ନୁ ସେ ଶ୍ରୀରାମଙ୍କର୧୨ । ୩ । ରଥରେ କେହ୍ନୁ ମଞ୍ଜନ୍ତି୧୩ । ଗୋପାଳେ କି ବୋହ୍ନ୍ତି ଯାନ୍ତି୧୪ । କନ୍ୟା ଗଲେ ଶ୍ୱଶୁର ମନ୍ଦର । ତିନ ତିନ ବର୍ଣ୍ଣେ ଲେଖି ମଧ୍ୟେ ବର୍ଣ୍ଣର । ଭିକାରୀଚରଣ ଦାସ କହେ ଏ ପ୍ରାର୍ଥନା ମୋର । ୪ ।

୧	ଜଅସ	୮	ସ୍ୱପନ
୨	ବସନ	୯	ମୁଲକ
୩	ନକୁଳ	୧୦	ଶଙ୍କର
୪	ଅଞ୍ଜନା	୧୧	ଦ୍ୱିରେଫ
୫	ଅକ୍ରୂର	୧୨	ଶବର
୬	ରାଜୀବ	୧୩	ରଥିକ
୭	ଜବାବ	୧୪	ପବାସ

Digitized by srujan ka@gmail.com

ରାଧା କୃଷ୍ଣ ପ୍ରତି ।

ଅନ୍ତର୍ଲିପି—

ଭାବେ ରସିକା ଯୋଡ଼ ମୁଖ ହେ । ସୁରସିକ । ତୁମ୍ଭ ସଙ୍ଗେ ପ୍ରୀତି କରି ଦେହ ମୋର ଦକ ଦକ । ପଦ । ପ୍ରଦାନ କରି ଦୁହିତା । ଜାମାତାକୁ କି ଦଅନ୍ତି୧ । କି ସାଧନ୍ତି ତାପସ ନାୟକ୨ । କେଉଁ ରୂପେ ହରି ହେଲେ ଧରା ଧାରକ୩ । ଗୃହର ଶିରୋଭାଗକୁ କି ବୋଲି କହନ୍ତି ଲୋକ୪ । ୧ । ହାଟରେ କି ବସିଥାଏ୫ । ସୁବର୍ଣ୍ଣ ଗଢ଼ାଇ କିଏ । କି ବୁଲଇ ଗୃହ ଗୃହପାଖ୭ । ଜୀବମାନଙ୍କୁ କେ ନିଏ ହୋଇ ନାଶକ୮ । ଚୈତନ୍ୟ ଠାକୁରଙ୍କ କେ ପ୍ରଧାନ ସଖା ଏକ୯ । ୨ । ସୀତାଦେବୀଙ୍କ ପିଅର । କେ ଅଟନ୍ତି ବରାବର୧୦ । ଧନୁପରେ କି ଝଙ୍କାନ୍ତି ଠେକ୧୧ । କଟକକୁ କି କହନ୍ତି ଦେଶୀୟ ଲୋକ୧୨ । ଯବନ ସାଧୁମାନଙ୍କ ନାମକୁ କର ବିବେକ୧୩ । ୩ । ଚିକ୍କଣ ଦ୍ରବ୍ୟକୁ ସାଧୁ ଶବ୍ଦେ କି କହନ୍ତି ସାଧୁ୧୪ । ଭିନ ଭିନ ବର୍ଣ୍ଣ ସବୁ ଲେଖ । ଆଦ୍ୟ ପ୍ରାନ୍ତ ଲକ୍ଷ୍ୟକରି ମଧ୍ୟକୁ ଦେଖ । କହଇ ଭିକାରୀ ଦାସ ଏହି ଅନ୍ତର୍ଲିପି ଠିକ । ୪ ।

୧	ଯୌତୁକ	୮	ସମନ
୨	କୁମ୍ଭକ	୯	ନିତେଇ
୩	ଶଙ୍କର	୧୦	ଜନକ
୪	ମଥନ	୧୧	ମକର
୫	ବଜାର	୧୨	ସହର
୬	ବଣିକ	୧୩	ଫକୀର
୭	ପ୍ରାଚୀର	୧୪	ପିଚ୍ଛିଲ

Digitized by srujan ka@gmail.com

ବହିର୍ଲିପି ।

ଦୀର୍ଘ ପ୍ରବାସରୁ ଆସି । ପ୍ରାଣପ୍ରିୟା ପାଶେ ବସି । ଭାଷଇ ରସିକ-ବର ନାନାମତେ ମନ ତୋଷି । ପଦ । ପାନର ଉପକରଣ । ମଧ୍ୟେ କେ ଆଗେ ବରଣ ୧ । କାହିଁରେ ରହନ୍ତି ନରେ । ବିଷୟ ସମୂହ ନାଶି ୨ । ପଞ୍ଚଶର କେ ଧରଇ୩ । କେ ସୀତାଙ୍କ ପ୍ରାଣସାଇଁ୪ । ରାଜାଙ୍କ ଭାର୍ଯ୍ୟାଙ୍କୁ କିସ କହନ୍ତି ମାନବ ରାଶି୫ । ୧ ।

ନଦୀରେ କେହୁ ଚଳଇ୬ । ଯୁଦ୍ଧକୁ କେହୁ ଗମଇ୭ । ମନରେ ମିଶିଲେ ମନ କି ଜାତ ହୁଅଇ ବେଶି୮ । ୨। ଶାଟିକି ପୋଷିଲେ ନେଇ । ତା ମନ କାହିଁରେ ଥାଇ୯ । ପଣ୍ଡିତ କି ସମ୍ପାଦନ୍ତି ୧୦ । ବସନ୍ତେ ଫୁଟେ କେ ବେଶି୧୧ । ୩। ପଞ୍ଚକେ ଦକକୁ ଖାଦ୍ୟ । ପ୍ରଦାନ କରେ କେ ମଧ୍ୟ୧୨ । ମାତା କି ଜନ୍ମ କରଇ୧୩ । ସହ୍ୟ କଷ୍ଟ ଭାର ବେଶି । ୪ । କି ଶୋଭା ସ୍ତ୍ରୀଙ୍କ କଣ୍ଠରେ୧୪ । ଲେଖ ଆଣି ଦ୍ୱିବର୍ଣ୍ଣରେ । ଭକ୍ତାସ୍ୱ ଚରଣ କହେ ପଢ ଆଦ୍ୟବର୍ଣ୍ଣ ନାଶି । ୫ ।

୧	ଗୁଆ	୮	ପ୍ରେମ
୨	ଘରେ	୯	ବନେ
୩	ମାର	୧୦	ଯୋଷି
୪	ରାମ	୧୧	ମଲ୍ଲୀ
୫	ରାଣୀ	୧୨	ବକ୍ଷ
୬	ନାବ	୧୩	ସୁତ
୭	ବାର	୧୪	ହାର

Digitized by srujan ka@gmail.com

ବହିର୍ଲାପ ।

ସୁମନ ଶଯ୍ୟା ଉପରେ । ରସିକା ବହିର୍ଲାପିରେ । ରସିକ ବଦନଗୁହିଁ ଦୁଃଖେ ବଚନ ଉଚ୍ଚାରେ । ପଦ । ରାଜ୍ୟକୁ କେହୁ ପାଳନ୍ତି୧ । କର୍ମକାର କି ରଖଇ୨ । ବଚନ କେ ନ କହଇ୩ । ଚେଲଙ୍କୁ ଆଦର କରେ୪ ।୧। ଶତ୍ରୁସଂଖ୍ୟକ ପ୍ରାକୃତ । ଭାଷାରେ କି ହୁଏ ଉକ୍ତ୫ । ଦଗ୍ଧ କଲେ କେ ଉତ୍ଫୁଲ୬ । କି ଭୂଷଣ ସ୍ତ୍ରୀ ନାକରେ୭ ।୨। ଯୌବନେ ରମ କି ହେବଲି୮ । ବ୍ୟବସ୍ଥା କେହୁ ରଚିଲେ ୯ । ସୂର୍ଯ୍ୟ ଉଦୟେ କି ହୁଏ ୧୦ । କି ଥାଏ ରାଜା ଆଦରେ ୧୧ ।୩। କୈଳାସରେ କେ ବସନ୍ତି ୧୨ । ଯେ କାହିଁରେ ବଶ ହୋନ୍ତି ୧୩ । ଗାୟକ କିସ ଗାବନ୍ତି ୧୪ । ଉପେନ୍ଦ୍ର ଦାସ ବସ୍ତୁରେ । ୪ ।

ଅନ୍ତର୍ଲାପ ।

ରାଗ — ଆଷାଢ଼ଶୁକ୍ଳ ।

ପ୍ରିୟସଖି କହେ ପ୍ରିୟସଖୀକୁ । ଏପରି ବଚନ ମନରଖାକୁ ॥ ସ୍ୱରବାଦ୍ୟ

୧	ରାଜା	୮	ରାମ
୨	ଲଜ୍ଜା	୯	ମନୁ
୩	ମୂକ	୧୦	ଦାନ
୪	ଚେଲ	୧୧	ବାଞ୍ଛା
୫	ସନ୍ଦେହ	୧୨	ଶିବ
୬	ସୁନା	୧୩	ବଶେ
୭	ନଥ	୧୪	ଗୀତ

Digitized by srujan ka@gmail.com

କେଉଁ ଯନ୍ତ୍ର କରଇ୧। କେଉଁ ଫୁଲ ଶୋଭା ଗନ୍ଧ ନ ଥାଇ୨। ସୁନ୍ଦରୁ ଲେଖାକୁ କହନ୍ତି କିସ୩। ପଶୁ ହତ୍ୟାକରେ ଯେଉଁ ମନୁଷ୍ୟ। ତାକୁ କି କହନ୍ତି୪। ରାମ ସୁଗ୍ରୀବ ଦେଶ କି ହୁଅନ୍ତି ଯେଶ୫। ଦ୍ୱାଠ ଦୁଆର କେଉଁ୬। କି ବୋଲାଏ ଦୁଃଖ୭। କି ଖାଇଲେ ଛୁଏ ଭୃଷା ନାଶକ୮। ଗଜ କି ଖାଇଣ ବାହାର କରେ୯। କେଉଁ ଭ୍ରମଇ ଚୈତନ୍ୟ ସଙ୍ଗରେ୧୦। ଖଲଲୋକଙ୍କର। କେଉଁ ବ୍ୟବସାୟ ଅଟେ ନିକର ଯେ ୧୧॥ ଶ୍ରୀକୃଷ୍ଣଙ୍କର କେ ପ୍ରଧାନ ସାଖା ୧୨। ଗୋପିମାନଙ୍କୁ କହନ୍ତି କି ଭକ୍ତା। ୧୩। ତନ୍ତ୍ର ତନ୍ତ୍ରରେ ବୁଣଇ କାହାକୁ ୧୪। ଉକ୍ତବର୍ଣ୍ଣରେ ଲେଖିବ ସବୁଙ୍କୁ। ମଧ୍ୟେ ପଢିଯିବ। ଭିକାରି ଦାସର କଥା ରଖିବ ଯେ।

ଅନ୍ତର୍ଲିପି

ଛୁଣ୍ଡାଗଣ୍ଡ।

ପ୍ରବାସକୁ ଯିବାକାଳେ ପୁରୁଷ। ସ୍ତ୍ରୀପ୍ରିୟାକୁ କହେ ମଧୁରଭାଷ। ବସନ୍ତ ପୁର୍ଣ୍ଣିମାରେ କି ଖେଳନ୍ତି୧। ବୈଦ୍ୟ ରୋଗୀର ଆଗେ କି ଦେଖନ୍ତି୨। ବଡ ଲୋକମାନେ ରଖନ୍ତି କିସ୩। ବର୍ଷାକାଳ ପରେ କେଉଁ

୧	ବେହେଲା	୮	ପଖାଳ
୨	ପଲାଶ	୯	କଇଥ
୩	ବରେଲ	୧୦	ନଡେଇ
୪	କଂସେଇ	୧୧	କଯିଆ
୫	ମଇଷ	୧୨	ସୁହାଲ
୬	ବସେଇ	୧୩	ଗୁଆଳୀ
୭	କଷଣ	୧୪	ବସନ

୧—ଅବିର ୨—ନାଡ଼ୀ ୩—ଗୁଳିକର

Digitized by srujan ka@gmail.com

ପ୍ରବେଶ୪ । ମହାଦେବଙ୍କର କଣ୍ଠରେ ଶୋଭା କେ ପାଏ ନାକର୫ ॥ ଋଷିମାନେ କସ ବାନ୍ଧ ବସନ୍ତି୬ । ନବାଢଙ୍କୁ ଲୋକରେ କ କହନ୍ତି୭ । ସ୍ତ୍ରୀଗ୍ର ସଙ୍ଗରେ ପୁରୁଷ କ କରେ୮ । ଶିଶୁ କ ହୁଅଇ ପିଠା ଝୋଲୁରେ୯ । ଛଗୋଟି ପାଦରେ । କେଉଁଖଗ ଲେଖାହୁଏ ପୋଥିରେ ଯେ୧୦ । ବୁଣିବା ଧାନକୁ ଚଷା କ କହେ୧୧ । ଡାଳଗଛର ସକ କ ବୋଲାଏ୧୨ । ପୃଥିବୀ ଚତୁଃପାର୍ଶ୍ୱେ କେ ବେଢିଛୁ୧୩ । ହର-ନବାସ ନାମ ରଖ ବାଛୁ୧୪ । ଧାନମଗ୍ରଇକ । ଦେଖି କ ବୋଲି କହନ୍ତି ବବେକୀ ୧୫ । ୩ । କଠାଧାନ ହେଲ ନାମଟି ଯାହା୧୬ । ଭଜଭଜ ବର୍ଣ୍ଣେ ଲେଖିବ ଛାହା । ଆଦ୍ୟ ପ୍ରାନ୍ତ ନାଶି ମଧ୍ୟେ ପଡିବ । ମନ ମଧ୍ୟରେ ବରଷ ନୋହିବ । ଫେରିବ ଅବଶ୍ୟ । କହେ କବିରତ୍ନ ଭିକାରୀ ଦାସ୪ ॥

ବହିର୍ଲିପି ।

ଜାଣିଲ ବନ୍ଧୁ ଜାଣିଲ ବନ୍ଧୁ ତୁମ୍ଭ ବବେକପଣ । ଆଜଠାରୁ ଆଉ ଦିନେ ନ ଗୁହିଁବ ଶଠ ଶଠ ମୋଗ୍ରଣ । ପଦ । ଦେବତାଙ୍କୁ କସ କରନ୍ତି ଲୋକେ୧ । ଲୋକର କେଉଣ ଅଙ୍ଗ ଅଧିକ୨ । ବାରଣେ

୪	ଶରଢ	୮	ବିଳାସ	୧୩	ସାଗର
୫	ଗରଳ	୯	କୌତୁକ	୧୪	କୈଳାସ
୬	ଆସନ	୧୦	କାମୋଦ୍ରୀ	୧୫	ଖମାର
୭	ଶାଙ୍କର	୧୧	ବଦନ	୧୬	କଳାଇ
		୧୨	ବରଡ଼ା		

୧	ପୂଜା
୨	ବାହା

Digitized by srujan ka@gmail.com

ପବନ କ୍ଷଏ ସେ ପ୍ରଧାନ୩ । କ୍ଷ କରେ ସେ ଅଘ୍ରାଣ୪ ।୧। କେତୁ ରଷାଙ୍କରେ ମାନ ମହତ୫ । ମୁଖ ପାର୍ଶ୍ୱକୁ କ୍ଷ କହେ ପଣ୍ଡିତ ୬ । କ୍ଷଏ କଲା ନଶା୭ । ବୁଡାଦ୍ୱାରେ ବସା । କରେ ନିକେ ଅନୁଷଣ୮।୨। କେଉଁନଗ୍ରୁ ଗଲେ ଶ୍ରୀକୃଷ୍ଣ୯ । ପାଠ ପଢାକୁ ଲୌଡ଼ା ଆଗେ [illegible]୧୦ ଦଶମ ନକ୍ଷତ୍ର୧୧ । ଆଣିବ ଭୁରନ୍ତ । ଦଧି ମନ୍ଥେ କେ ପୁଣି୧୨।୩। କେଉଁ ପକ୍ଷୀ ଆଣି ପାଳନ୍ତି ଗୃହେ୧୩ । ଶ୍ରୀଫଳ ନାମକୁ କେ ଫଳ ବହେ୧୪ । ବେନ ବର୍ଣ୍ଣ ବସେ । ଆଦ୍ୟ ଛାଡ଼ ଭାଷେ । ଶ୍ରୀ ଭକାସ୍-ଚରଣ । ୪ ।

ଚତୁର ମାଳିକା ।

(ଧାନ, ଗଛ, ମାଛ, ପଶୁ ।)

ସୁନ୍ଦରମୁଖୀ ଗୋ ହାସ ବାଳଅ କର ସୁଗନ୍ଧ । ନଅଳୀ ରସାଳ-ବଟୀ ପୁ ହୁଲା ସୁକରେ ଗୁ ଣ୍ଠି । ପଦ । ଲଛାମହୁରୁ କଦଳୀ । ଦଅ କଣ୍ଟିଅରୁ ବଳ । ଦାଢ଼ ଦଏ ଗଣ୍ଡାକର ଗାତ୍ରମା ନ ରଖେ ମଚ୍ଛ ।୧।

୩	ନାକ	୯	ଗୋପୁ
୪	ଫୁଲ	୧୦	ଖଡ଼ୀ
୫	ଲଗା	୧୧	ମଘା
୬	ଗାଲ	୧୨	ଶୁଆ
୭	ଆମ୍ବ	୧୩	ଶୁକ
୮	ବାଢ଼	୧୪	ବେଲ

Digitized by srujan ka@gmail.com

ବିଭୂଷଣ ସ୍ନେହ ଅଟଇ । ପଣସ ତ ନ ରଖଇ । ଦନ୍ତେ ଇତର ନ କର ସମ୍ବରଜ ମୁଖୀଚନ୍ଦ୍ର । ୨ । ଶ୍ଳେଷ ରାମା ତ୍ରୁଟ ନୃତ୍ୟ । ବନ୍ଧୁ ଦୁଃଖ କ୍ଷୟାଁ ସହୁ । ମାଗୁରତ ଦେଇ ସ୍ୱାରୁପାତ ସୁମନ ସୁପାତ ।୩। ଶଙ୍କରପୂଜା ଧବରେ । ଗଞ୍ଜଣରେ ମୁଁ ନାହିଁରେ । ଢୋକ୍ଲାଇ ପଣତ ଲଖ ଭିକାରୀ ଦାସ ବଦତ । ୪ ।

କ ଢ଼ ମ—ରାଧାପ୍ରତି କୃଷ୍ଣ ।

କେତେ ମାନକରୁ ଖେତେ ଅପ୍ରାଧରୁ ଏତେ କଷ୍ଟ ସହିବାର ମୁଁ ଭଳି କି । ଖଡ଼ ଯଥାର୍ଥରେ ଗଢ଼ ତୋ ଚିତ୍ତରେ ମୂଢ଼ ଦୋଷ ନାଶ ନ କଲୁ ଆଳିଙ୍କି । ପଦ । ଗୁଣର ବଣି ତୁ ଶୁଣ କେଉଁହେତୁ ରଣି ମାଗୁଛୁ ମୁଁ ତୋ ପ୍ରୀତି ଥାଳିକି । ଢାଳୁଳ ମଣ୍ଡରେ ମାତୁ ଅନାଦରେ ବାତୁଳ ନ କରି ଦେଇଣ ଗାଳିକି ।୧। ଢଂ ଥିବାରୁ ଅଣଏଥି ଗୋ ନସ୍ୱଣ ମଣ୍ଡି ପକା । ମୋ ହୃଦ ମଦନ ମଳିକା । ଚନ୍ଦ ଶଙ୍କହାସୀ ଯନ୍ଧ ହେଲ ଦୋଷୀ ଲଦ ଦେ ମୋ ହୃଦେ କୁଚ-ଅଟାଳିକି । ୨ । ଛୁ ଧୀଶ ମୋହର ନଥି କାରବାର ବୁଦ୍ଧି ଯା କଣିଲ କାଇଅ ମାଳିକି । ଜନେ ଶଠି ହେଲ ମନେ ମୁଁ ହେଜିଲ ପାନେ ଗଲ ପାଇ ଗୃଜଣ କାଳୀକି । ୩ । ଝପହସୀ ଅନା କୋପନା ସୁମନା ଜପନା ମନରେ ସବଦା ଶୂଳୀଙ୍କି । ଝପ କ୍ଷମାକର ବଫଳକୁ ବାର କଫ ଗ୍ରାସିଲଣି ମୋ କଣ୍ଠ ନଳୀକି ।୪। ଠବଠବ ହୁଏ ରବ ମଣ୍ଡ ସ୍ନେହେ ଭାବବନ୍ତୀ ଗୃଢ଼ଦଅ ଏ ପାଳିକି । ଠ ଭୂଷଣ ସ୍ତନା ଦେଭୁଜ କରୁଣା ନଭ୍ଭ କାମାନଳ

ଖ	ଖଳ	ଢଂ	ସ୍ପୃହା ବା ସ୍ନେହ
ଡ	ତମାଳଅ	ଧୀଶ	ବୁଦ୍ଧି
ଘା	କାମକ୍ଷତ	ଝପ	ଶୀଘ୍ର
ଢ	କ୍ରୂର ବା ଖଳ	ଠ	ଶମ୍ଭୁ

Digitized by srujan ka@gmail.com

ବଜାଅ ତାଳିକି । ୫ । ଭଞ୍ଜମ ଏ ଗୀତ ବଡ଼ କସରତ କଢ଼ତ
ହୋଇଛୁ ଯମକ ମାଲିକି । ଭିକାରୀଚରଣ ଦାସ କହେ ଶୁଣ
ରଖିଛୁ ଏଥିରେ ଅମୃତ ଥାଳିକି । ୬ ।

ଝ ଭ ଠ—କୃଷ୍ଣପ୍ରତି ରାଧା ।

ଯୋଉ ଠୁଲ କଲି ଲୋଭରେ ପଡ଼ିଲି ଶୁଭ କପାଳରେ ନାହିଁତ ଏଣିକି । ହବଟିକି ଭାବ ଜୀବଗଲେ ଯିବ ଖୁବ ନ କହ କଥା ଭୁଆଁଯା ତେଣିକି । ପଦ । ସଫାଞ୍ଚ ତ ତୁହ ତୋଫା ମୁଖେ ନାହିଁ ଗୁଫାଫୁଲ ଦେଲୁ ଯେଉଁ ରମଣିକି । ସାପେ ଝିଙ୍କିରଖି ଭୁପେ ଥିଲ ଲଖି ଆପେ ଯା ପାଇବ ସେ ଠାକୁରାଣୀକି । ୧ । ଶଗୀ ଜଗମୋଅ ମୌନ ବଗୁଲିଅ ମୃନପଣେ ଆସି ଦେଖାଉ ଠାଣିକି । ବୋଧ ଛାଡ଼ ଛାଡ଼ କୋଧ ହୁଏ ଦଢ଼ ନ ଧର ମୋ କାନ ପଣତ ଝାଣିକି ॥ ଲଦରୁ ବନ୍ଧୁତ ବଦ ମୋ ଶିରେ ତ କଦ ନ ଗୁହିଁବ ମୁରଲୀପାଣିକି । ରଥଙ୍ଗ ସାରିଲି ନାଥ ଯାବରିଲି ବଥପର ବାଧା କେ ଥିଲା ଜାଣି କି ।୩। ଯେତେ ଧେନା ଧେନ ତେତେ ଥାଏ ହାଣୀ ସତେତ ଶହିଲି ଦେଖି ଏ ଠାଣିକି । ମଣିଗଲି ଯାହା ଶୁଣି ତୁଷ୍ଟ କୁହା କାଣୀ ହେଲି ଯାଇ ନଦୀକି ପାଣି କି ॥ ତ ଖଣ୍ଡି ପୁ ଭୁଷ ରଖ ମୃଦୁହାସ ଦେଖ ନେଇ ଥିଲା ପେ ମନଝାଣିକି । ଡାକ ଆସୁ ପାଣ ନକ ସେ ନାରୀଣ ଭୁକ-କୋଠ ମନ୍ତ୍ର ତା ଗଣ୍ଡା ଶ୍ରେଣୀକି ॥ ନିଭଙ୍ଗି ଜମକ ଟନ ଟନ ଛକ ମିଳ ଜମକ ଏ ଧଚିଛୁ ଶ୍ରେଣୀକି । ଭିକାରୀଚରଣ ଦାସ କହେ ପ୍ରାଣ ଅର୍ପି ଦେଇଅଛୁ ସେ ଠାକୁରାଣୀକି । ୬ ।

ଛ ଖଲ ରଥ ଦେହ ତ ତମାଲିଅ
ଶଗୀ ଦୁଷ୍ଟ ଙ ସ୍ନେହ

Digitized by srujan ka@gmail.com

ସ୍ତ୍ରୀ ଭାବନା ।

(ଚକ୍ର ସିଂହାବଲୋକନ ।)

ବର ନ ଦେଲେ କପାଇଁ ମୋ ପାଶକୁ ଗୋ ଖବର ।
ବରଷା ଦିନକୁ ଦିନ ହେଉଛନ୍ତି ଆସି ଜବର । ପଦ ।
ବରଣ ମୁଁ କରିଥିଲି ରହିବା ଅର୍ଥେ ନବର ।
ବରଢରୁ ସେହୁ ହେଲେ ମୁଁ ଜାଣିଲି ମୂନିବର । ୧ ।
ବର ଲଭିଥିଲି କଷ୍ଟେ ସେବା କରିଣ ଶିବର ।
ବର-ଅଙ୍ଗନା ତୁ ହୁଅ ବୋଲିଣ ସେ ଦେଲେ ବର । ୨ ।
ବରଜ-ନାରୀଙ୍କି ଠକି ଗଲେ ଯଥା ନଟବର ।
ବରଣ ମଧ୍ୟେ ରହିଲେ ଦଶକଣ୍ଠ ନଟବର । ୩ ।
ବରଦକ୍ଷିବ ଯା ଥିଲେ ଗଲେ ଧେନ ଦଣ୍ଡିବର ।
ବରଷ ପୂରିଲା କହେ ଭିକାରୀ ଦାସ ଯବର । ୪ ।

ସାତବାର ସତାଇଶ ନକ୍ଷତ୍ର ।

ରବି ନନ୍ଦନୀ ପାଶେ କୃଷ୍ଣ କହିଲେ । ଅଶ୍ୱିନୀ ଦ୍ୱିଜା ବର୍ଷ ଗଲା ନଇଲେ । ପଦ । ସୋମ ଆନନ ମିଳିଲା ନାହିଁ ଦର୍ଶନ । କୃତ୍ତିକାରୁ ପ୍ରତିଦିନ ଝରୁଛନ୍ତି ବନି । ରୋହିଣୀ ବଣା କଲେ ଥରେ ମନେ ନ ନେଲେ । ମୃଗଶିର ଜନରେ ଲଙ୍କା ସାର ରଖିଲେ । ଆର୍ଦ୍ରାଭୂଷଣରେ ମାଇଲେ । ୧ । ମଙ୍ଗଳ କାର୍ଯ୍ୟ ମୋହର ହେଲା ବିଫଳ । ପୁନର୍ବସୁରେ ଲଗାଇ ଦେଲେ ଅନଳ । ପୁଷ୍ୟାଦଂଶନ ଶ୍ରାବଂଷ୍ଠଦଣ୍ଡ

Digitized by srujan ka@gmail.com

ଦଣ୍ଡଦେବ । ଅଶ୍ଳେଷାରେ ତାହାର ଦାଣକୁ ନ ରଖିବ । ମଘା ଅନ୍ଧାର ହେବ-ନଦେଖି ପ୍ରାଣଧବ । ପୂର୍ବାଫାଲ୍ଗୁନୀ ପୂଜା ପାଇଲେ॥ ବୁଧଜନେ ଅଣକର ଅବୋଧ ହେଲି । ଉତ୍ତରଫାଲ୍ଗୁନୀ ପର ଜାଲେ ପଡ଼ିଲି । ହସ୍ତା ବେଶି ହେଉଛୁ । ଦଣ୍ଡେସହ ନୋହୁଛୁ । ଚିତ୍ରା ଭୁବନେ ବଡ଼କର ଦେଲେ ମୂର୍ଚ୍ଛୁ । ଶିରରେ ସ୍ୱାତୀ ପକାଇ-ଗଲେ । ୩ । ଗୁରୁ ଦୁଃଖ ହୁଏ କହିଁ ଦେଲି ମାନସ । ବିଶାଖା ସଙ୍ଗିନୀ କଥା ବଡ଼ ସରସ । ଅନୁରାଧା ଦେଖିଲେ । ଜ୍ୟେଷ୍ଠା ତାହାକୁ କଲେ । ତାହାସଙ୍ଗେ ରସିଲେ । ମୋ ମୂଳା ଖୋଳି ନେଲେ ପୂର୍ବାଷାଢ଼ା ଦେଇ ଯା ନ ଗଲେ ॥ ଶୁକ୍ର ମନ୍ଦିର ବିଗ୍ରହ କଲେ ନାଗର । ଉତ୍ତରାଷାଢ଼ା ନ ଦେଲେ ଲେଶ ମାତର । ଶ୍ରବଣା ଏବେ କଲେ । ଧନିଷ୍ଠା ପାଶେ ଥିଲେ । ପଠାଇ ବୁଝିଥାନ୍ତ ସାତଭିଷା ଛାଡ଼ିଲେ । ପୂର୍ବଭାଦ୍ରପ୍ଯା କରେ ଲେଖିଲେ ।୫। ଶନ୍ତ ସେ ହୋଇଲେ ଏବେ ପଡ଼ିଲି ଜଣା । ଉତ୍ତରଭାଦ୍ର ଅପିଣ ହେଲି ଠିକଣା । ଗଲି ରେବତୀ ନାଥ । ରହିଲେ ହେନଭ୍ରାନ୍ତ । ସାତବାର ନକ୍ଷତ୍ର ବୁଝିବ ହେ ପଣ୍ଡିତ । ଭକ୍ତାଗ୍ର ଦାସ ଗୀତେ କହିଲେ । ୬ ।

ଜମକମାଳା ।

ଆଦ୍ୟଜମକ । କରକରଦନା ତୋ ବିନା । ମଧ୍ୟଜମକ । ନ ସହେ କାମ କଣ୍ଟେ ଶତ୍ରେ ବେଦନା । ପ୍ରାନ୍ତଜମକ । ପଡ଼ ତୋରପଯୋ-ଧର ଗୃହେଁ ରମଣିମଣି । ଆଦ୍ୟ ପ୍ରାନ୍ତଜମକ । ମଣିଲି ମୁଁ ଏଥିଅଛୁ ପରମ ମଣି । ମିଶ୍ର ଜମକ । କୃଷ୍ଣ ଅଟେ ମୋ ତନୁ । କୃଷ୍ଣସ୍ପର୍ଶରେ ହନୁ । ଶୃଙ୍ଖଳା । ହେବ ସ୍ୱମା ନକର । କରଇ ଧରଇ ମନୁ । ବ୍ୟାଘ୍ରଗତି ।

Digitized by srujan ka@gmail.com

ପଢ଼ି ନାଗସ୍ତ୍ରୀ ନାଗ, ଇଚ୍ଛା ଭାନୁ ସ୍ୱର୍ଭାନୁ । ବନା । କ୍ଷଣି ମୁଁ ହେଲି ପାଦେ ବାରେ ନା । ୧ । ଅବନା । ଅଜ ବଦନ ଈକ୍ଷଣ ମନ ହରଣ । ବିଭଙ୍ଗୀ । ନରେ ସମା କରେ ତୋ ଆଲୋକରେ ଜାଣ । ମେଷ ଯୁଦ୍ଧ । ରଖ ଦୀନକୁ ରମା, ମାରକୁ ନନ୍ଦୀ ଶର । ଲୋମ ବିଲୋମ । କାଳିକା କ କାଳିକା । ଧ୍ୟାଇ ପାଇଛୋ କର । ମାଳ-ଜମଳ । ରେ ହର ହର ହର ବଚନା । ୨ । ଦତ୍ତାକ୍ଷର । ସୁନୁ ହନୁ କେଦାରକୁ ତୋର ସୁନ୍ଦର । ଚ୍ୟୁତାକ୍ଷର । ସିଂହାରେ ବୁଣେ ସ୍ନେହ ବୀଜସହିର । ମହାଜମକ । ବଳାଅ ମଳି ମୋତେ । ବଳାଅ ମଳି ମୋତେ । ପ୍ରାନ୍ତାନୁପ୍ରାସ । ଦୟାକର ସୁଗତେ, ରସକଳା କଳତେ । ନଚେତ ମୁଁ ଅଗତେ ପଡ଼ିଗଲିଟି ଗତେ । ପୂର୍ଣ୍ଣୋପମା । ଆଉ କାହିଁରେ ନାହିଁ ଭାବନା ॥ ବିରୋଧ । ପଦ୍ମରେ ଗୁଲି ନ ପାରେ ଭେଡ଼ାଏ ମାନ । ପଦ୍ମରେ ଗୁଲି ପାରଇ ଭେଡ଼ାଏ ମାନ । ଚକ୍ରସିଂହାବଲୋକନ । ବରସୁନ୍ଦରୀ ବର ॥ ବର କବି ନବର । ବରବର୍ଣ୍ଣୀ ଯବର । ବରଷା କଳେବର । ବରଷେ ରୂପବର । ବରବାଣ ଶବର । ଆଦ୍ୟନ୍ତାନ୍ତାକ୍ଷର । ମନମୃଗ ବନ୍ଧିବା ସୁମନ । ୪ । ପୁନଃରୁକ୍ତ । ମୁଁ ପୁଂସଭ୍ରମର ଅଳି କରୁଛି ସହି ଅନ୍ତର୍ଲିପି । କେଉଁରୂପେ ଦନ୍ତେ ହର ପୃଥିବୀକି ବହି । କାହିଁରେ ଦେଲେ ଦାନ । ଅଟଇ ବଡ଼ ପୁଣ୍ୟ । ବହିର୍ଲିପି । ଭାରତଦେଶେ କେହୁ ପ୍ରଦାନ କରେ ଜ୍ଞାନ । କାହାକୁ ଛାଡ଼ିଦେଇ ଅଛନ୍ତି ମୁନି ଗଣ । ଶ୍ରୀକାଶୀ ଦାସ କଲା ରଚନ । ୫ ।

ଆଦ୍ୟବର୍ଣ୍ଣଭାବ ।

ମଧୁମାସ ପୃଥିବୀରେ ହୋଇଛି ପ୍ରବେଶ । ନବକିଶଳୟେ ଚୂତ ସାଜି ଅଛିବେଶ । ୧ । ରେ ମି ଦେଲ ପର ମଲ୍ଲୀଫୁଟି ଚହଟୁଛି । ରସଗୀତ ସୁମଧୁରେ କୋକିଳ ଘୁଟୁଛି । ୨ । କ୍ଷୀରନୀର ପର ପ୍ରୀତି

Digitized by srujan ka@gmail.com

ବହ୍ନି ଜଳ ଦୂର । ଥିଲି ପାଶେ ଭାଗ୍ୟବଳେ ହୋଇଲା ଅନ୍ତର ॥ ବନ୍ଧୁ ଧନ ନ ରହିବ ଆସିବ ମୁଁ ଫେର । ଅଦ୍ୟ ବସ୍ତି ପଢ଼ି ବୁଝ କହିଲା ଭିକାରୀ । ୪ ।

ଶରଧନ ସମାନରେ ନ ଯାଏ କାହାର । ଠିକ ହୋଇ ଏକ-ସ୍ଥାନେ ବସ୍ତେ ରହିବାର । ୧ । ଦେବଦେବୀଙ୍କ ପାଶେ ମୁଁ ଜଣାଉଛି ନିତି । ଉଡ଼ୁଥାଉ ଧଜା ବସ୍ତେ ଉବ ଯଶ କୀର୍ତ୍ତି । ୨ । ଥିଲେ ଦୂରେ ପାଶେ ଅଛି ବସ୍ତିର କରିବ । ବନ୍ଧୁ ୨ ପ୍ରାର୍ଥନା ଅଦ୍ୟଅକ୍ଷର ପଢ଼ିବ ॥

ଶୋଭ: ତ୍ରିଭଙ୍ଗି ଜମକ ।

ଦେଖା ତୋ ଛଡ଼କ ମଦନ ମଡ଼କ ପଡ଼ୁଅଛି ସଜନୀ ରଖିଯାଅ ଧଡ଼କ । ପଦ । କରୁଛି ଭରସା ହେଉଛି ବରଷା ନାଚୁଛି ମନ ସରସ ମହାଘୋର ଝଡ଼କ । ମାରୁଛି ବଜୁଳି ହୃଦ ଧଏ କାଳି ଏ ସମୟେ ଦୀପକାଳି ଦେଖା ତୋର ଫଡ଼କ । ୧ । ନ ଲଭୁଁ ତୋ ସଙ୍ଗ ନେଇ ହୁଏ ରଙ୍ଗ ଜାଣିପାରୁ ତୁ ବିରଙ୍ଗ ତର ତର କୋଡ଼କ । ସୁରସ ଲେହନ କରିଅ ବହନ ନ ହୁଅଇ ମୁଁ ଦହନ ଏ ମଦନରଡ଼କ । ୨ । ଅନେକ ଦିନରୁ ତେଜିଛୁ ମନରୁ କାଢ଼ିଣଅଛୁ କାନରୁ ସେ ଭୂଷଣ ମାଡ଼କ । ପର କଲେ ଗୋସିଁ ମୁଁ ହେବି କାହାର ବନ୍ଧୁବାର ତ ସୁହାରୀ ହେଉଅଛି ଭଡ଼କ । ୩ । ଯିବ ମୋ ଜୀବନ ଆହାରେ ଜୀବନ ଜଳପନା ତୁ ଜୀବନ ଅଟୁ ମୋର ଦଡ଼କ । ରଖ ବା ନ ରଖ ଶୁଣି ଦାସ ଡାକ ଭିକାରି ଦାସ ବିବେକ ହରେ ହେଲା ଘଡ଼କ । ୪ ।

Digitized by srujan ka@gmail.com

ଭାବଅଲଙ୍କାର ।

ଭାବଅଲଙ୍କାର ଏ ଗୀତ ହେ । ଭାବବନ୍ତ । ଭାବରେ ମୁଁ ଠାବ-କର ଭାବଇ ନବସାହିତ୍ୟ । ପଦ । ରଙ୍କୁନୟନା ନବୀନା । ଅଙ୍କୁରନ୍ତ ଯଉବନା । ଶଙ୍କୁ ରଣ ସୁମନା ସମସ୍ତ । ପଙ୍କୁଶୋଭା ଦେଖି ବୋଲେ ଅନାରେ ମିତ । ତଙ୍କୁକଅଁଳ ଅସୁଛନ୍ତି ପୂର୍ବ ପବନ କେମନ୍ତ । ୧ ।
ଫୁଲ ସମୟ ହୋଇଛନ୍ତି ଭୁଲ ଏଥି ନାହିଁ କିଛି । ମୂଲ କରନ୍ତି ଭ୍ରମର ଯୂଥ । ଖୋଲରେ ବସି କୋକିଳ ଗାଉଛନ୍ତି ଗୀତ । ବୁଲଇ ମଳୟାନିଳ ଫୁଲଇ ତରୁସମସ୍ତ ॥ ରାତ୍ରରେ ସୁଧାଂଶୁ କର । ପାତ୍ରଧାଏ ସୁଧାସାର । ହାତପତ ଭୂତ କରେ ଦଣ୍ଡ । ଗ୍ରାତ୍ର ବଦାର ହୋଇଛନ୍ତି ଅଚମ୍ବିତ । କାତ ମାରିଦେଲା ପରି ଜାତକି ନ ବଳେ ଶଣ୍ଡ ॥
ମୁଁ ତ ସେ ବାଳା ଅଟଇ । ତୁ ତ ଜାଣୁ ଆନ ନୋହି । ସୁତ୍ରବତ କପାଁ ଛନ୍ଦଗତ । ଭୂତ ଲାଗିଲା ପରି ସେ ଲାଗୁଛନ୍ତି ମିତ । ହିତ ନ ହେବ ଭିକାରୀଚରଣ ଦାସ ରଚିତ । ୪ ।

ମେଘମାଳ ଗୀତ ।

କୃଷ୍ଣପ୍ରତି ରାଧା ।

ଫଳର ମର୍ଯ୍ୟାଦା ଥାଏ କାହିଁରେ । ଗଜାବ କାହିଁ ରହି ଖେଳା-କରେ । ସର୍ପ ଭୟଙ୍କର କି ପଦାର୍ଥରେ । କେନେ କି ଭାବନ୍ତି ଦନ ନେବାରେ । ରସରେ ମାନସ । ନ ବଳାଅ ଆହେ ଶଠପୁରୁଷ ହେ ॥
ଗାମ୍ଭୁଛି ରଙ୍ଗ ହୁଅଇ କାହିଁରେ । ପେଟିକା ବାନ୍ଧନ୍ତି କାହିଁରେ ନରେ । ବୈରକୁ ଦେଖି କି କହନ୍ତି ଜନ । କାହିଁରେ ପ୍ରଧାନ ହୁଏ ସୁବର୍ଣ୍ଣ । କଣରେ ସନ୍ତୋଷ । ହାସରେ ବଚନ ନ କହ କିଛି । ୨ ।
ଶରଦ ହୁଏ ବୁଲିଲେ କାହିଁରେ । ଯାଉ ଚଣ୍ଡୁଲ ଦଂନ୍ତି କାହିଁରେ ।

Digitized by srujan ka@gmail.com

ପାଣ୍ଡବେ କାହାକୁ ମାନ୍ୟକରନ୍ତି । ପ୍ରଭାତେ କୁକ୍କୁଟେ କ ଡାକ
ଦ୍ୟନ୍ତି । କାକରେ ଅଧମ । ଅଛ ତୁମ୍ଭେ ଆଜ ନ ଜାଣ ପ୍ରେମ . ୩ ।
ବାସନ ସଫା ହୁଅଇ କାହିଁରେ । ସୁଖ ଭୋଜନ କରେ କ
ପ୍ରକାରେ । କଦଳୀଗଛ କାହିଁରେ ଭୂଷିତ । ସ୍ତ୍ରୀ କ ପୁଂସ ପଚାରହାସେ
କ ବ୍ୟକ୍ତ । ମଲ୍ଲାରେ ବସ୍ତୁର । ଆଜଠାରୁ ଭାବ ହୋଇଲା ଦୂର ॥
ଗୁରୁଦଗରୁ ଗୁରୁମେଘ ଜଇଁ । ଯଥା ଏକସ୍ଥାନେ ବର୍ଷା କରଇ ।
ଛଥା ହେବାରୁ ଏ ଗୀତ ଲକ୍ଷଣ । ମେଘମାଳା ନାମ ଏହାର ଜାଣ ।
ଏ ବିଚିତ୍ର ରୂପ । କହେ କବିରତ୍ନ ଭିକାରୀ ଦାସ ଯେ । ୫ ।

ସ ମା ପ୍ତ ।

Printed by Rai Sahib Giridhari Prasad Ray
AT THE ASHUTOSH PRESS,
Telenga Bazar, Cuttack.
1934

Digitized by srujan ka@gmail.com

ବିଜ୍ଞାପନ ।

ଜଗନ୍ନାଥ କୋମ୍ପାନୀ ।

ନିମିଚଉଡ଼, କଟକ ।

ମହାଶୟ !

ଅମ୍ଭ କୋମ୍ପାନୀରେ ନିମ୍ନଲିଖିତ ପୁସ୍ତକମାନ ସୁଲଭ ମୂଲ୍ୟରେ ପାଇପାରିବେ ।

ବିଚିତ୍ର ରାମାୟଣ	ଟ ୧ ୮	ଲକ୍ଷ୍ମୀପୁରାଣ	ଟ ୦ ୵
ସଭାବିନୋଦ	ଟ ୧ ୮	ମନ୍ତ୍ରଯନ୍ତ୍ରମାଳା ୧ମ	ଟ " ୵
ଅମରକୋଷ ବୃହତ୍	ଟ ୧ ୮	" ୨ୟ	ଟ ୦ ୵
ବିଲଙ୍କା ରାମାୟଣ	ଟ ୦ ୪୵	ଷଟରତ୍ନମାଳା	ଟ ୦ ୵
ଶ୍ରୀଧରରତ୍ନାକର	ଟ ୦ ୪	ଚୌପଦୀ ସଂସାର	ଟ ୦ ୵
କାର୍ତ୍ତିକ ମହାତ୍ମ୍ୟ	ଟ ୦ ୪	ଚୌପଦୀ ରତ୍ନମାଳା ୧ମ	ଟ୦/୬
ପ୍ରସ୍ତାବସିନ୍ଧୁ	ଟ ୦ ।୵	" ୨ୟ	ଟ୦୵
କୈବର୍ତ୍ତ ଗୀତା	ଟ ୦ ।୵	ମନ୍ତ୍ରଯନ୍ତ୍ରମାଳା ୧ମ	ଟ ୦ ୵
ମଥୁରାମଙ୍ଗଳ	ଟ ୦ ।/	" ୨ୟ	ଟ ୦ ୵
ଭୀମଭୋଇ ଅଲେଖ ଭଜନ	ଟ୦'	ନଦୀୟା କୀର୍ତ୍ତନ ୧ମ	ଟ ୦ ୵
ଗୋଲକୁଞ୍ଜ ଚୌପଦୀ	ଟ ୦ ୵୬	" ୨ୟ	ଟ ୦ ୵
ସୁଭଦ୍ରାହରଣ ସୁଆଙ୍ଗ	ଟ ୦ ୵୬	୩ୟ	ଟ ୦ ୵
ଚନ୍ଦ୍ରାବତୀହରଣ ସୁଆଙ୍ଗ	ଟ ୦ ୵	" ୪ର୍ଥ	ଟ ୦ ୵

ଜଗନ୍ନାଥ କୋମ୍ପାନୀ
ପୋଃ ଅଃ ଗୁଣ୍ଡିଚାଉକ
କଟକ ।

ପ୍ରୋପ୍ରାଇଟର
ଶ୍ରୀଜଗନ୍ନାଥ ସିଂହ

Digitized by srujan ka@gmail.com